ପ୍ରେସ ନୋଟ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ।

## ଚଳିତ ବର୍ଷର ବିଷୟ ବସ୍ତୁ 'ଆମର ଗ୍ରହ ଆମର ସ୍ୱାସ୍ଥ୍ୟ'

ଅନୁଗୋଳ,ତା:-୭.୪: ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପ୍ରତିଷ୍ଠା ଦିବସକୁ ନେଇ ଆଜି ସାରା ବିଶ୍ୱରେ ଆମର ସ୍ୱାସ୍ଥ୍ୟର ସୁରକ୍ଷା ନିମନ୍ତେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଆକଳନ ଅନୁଯାୟୀ ବିଶ୍ୱରେ ପ୍ରତ୍ୟେକ ବର୍ଷ ୧୩ ମିଲିୟନ ମୃତ୍ୟୁ ପରିହାର୍ଯ୍ୟ ପରିବେଶ ସମ୍ବନ୍ଧୀୟ । ଏହା ଜଳବାୟୁ ସଙ୍କଟ ଅନ୍ତର୍ଭୁକ୍ତ ଯାହାକି ସ୍ୱାସ୍ଥ୍ୟ ପ୍ରତି ଏକ ମାତ୍ର ବୃହତ୍ତର ଭୟ । ଜଳବାୟୁ ସଙ୍କଟ ମଧ୍ୟ ସ୍ୱାସ୍ଥ୍ୟ ସଙ୍କଟ ଅଟେ । ମାନବ ସ୍ୱାସ୍ଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହେଉଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରି ଚଳିତ ବର୍ଷର ବିଷୟ ବସ୍ତୁ 'ଆମର ଗ୍ରହ ଆମର ସ୍ୱାସ୍ଥ୍ୟ' ଉପରେ ଗୁରୁତ୍ୱ ।ରୋପ କରିଥିଲେ । ପୃଥିବୀର ବାତାବରଣ ପରିବର୍ତ୍ତନ ହେବା ଦ୍ୱାରା ଏହାର ଉତ୍ତାପ ବଢୁଛି ଓ ଏହାପରେ ବିଭିନ୍ନ ଅଂଚଳରେ ଅତ୍ୟଧିକ ଦୁର୍ଭିକ୍ଷ୍ୟ,ବନ୍ୟା, ସମୁଦ୍ର ପତ୍ତନ ବୃଦ୍ଧି ଓ ତାପମାତ୍ରାର ବୃଦ୍ଧି ହେବାର ଅ ।ଶଙ୍କା ଦେଖା ଦେଇଛି । ଜଳବାୟୁ ପ୍ରଦ୍ୟୁଷଣ ହେବା ଦ୍ୱାରା ମଣିଷ ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେଉଛି, ଯାହା ଫଳରେ କର୍କଟ,ହୃଦରୋଗ ଭଳି ସାଂଘାତିକ ରୋଗ ହେଉଛି ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଦିଲ୍ଲିପ କୁମାର ପ୍ରଧାନ ଜଳ,ପବନ ଓ ଖାଦ୍ୟକୁ ସୁସ୍ଥ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡ. ବିଶ୍ୱ ବିହାରୀ ମହାନ୍ତି ଜଳ ପରିମଳ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ପୂର୍ଣ୍ଣିମା ଉଦଗାତା ରୋଗ ପ୍ରତିରୋଧକୁ ଅଧିକ ଗୁରୁତ୍ୱ ଦେବା ସହ ନିରାମୟ ଜୀବନ ଯାପନ ବଜାୟ ରଖିବା ନିମନ୍ତେ ସୁଷମ ଖାଦ୍ୟ ଶୁଦ୍ଧ ପାନୀୟ ଜଳ, ଯୋଗ ଓ ପ୍ରାଣାୟମ ଓ ସୁସ୍ଥ ଜୀବନଶୈଳୀ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ଭରତ କୁମାର ସାହୁ ପରିଚାଳନା କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୨୫୯ ତା. ୦୭.୦୪.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ


ବିଶ୍ୱ ସ୍ୱାସ୍ଥ୍ୟ ଦିବସ
ଆମ ପୃଥିବୀ, ଆମ ସ୍ୱାସ୍ଥ୍ୟ
ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଅନୁଗୋଳ
REDMI NOTE 6 PRO
MI DUAL CAMERA